# ଗୁଣପୁର ପାହାଡ଼ି ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଛି ବର୍ଷା

ଗୁଣପୁର,୧୭।୭(ଡି.ଏନ୍.ଏ.)

ଲଘୁଚାପ ଜନିତ ବର୍ଷାରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକର ପାହାଡ଼ିଆ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାହାଡ଼ରୁ ବର୍ଷାଜଳ ଆସି ନଦୀ ନାଳରେ ବଢ଼ି ସୃଷ୍ଟି ହୋଇଛି। ଚାଷଜମି ବାଲିଚର ମାଡ଼ିଯାଇଛି। ସେହିପରି ପ୍ରବଳ ବର୍ଷରେ ଅଞ୍ଚଳରେ ଅନେକ କ୍ଷୟକ୍ଷତି ଘଟିଛି। ଭୀମପୁର ନିକଟସ୍ଥ ଏକ ନାଳର ଆଡ଼ିବନ୍ଧ ଭାଙ୍ଗିଯିବାରୁ ସ୍ଥାନୀୟ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପାଣି ପଶିଯାଇଛି। ସ୍କୁଲ ପରିସରରେ ଥିବା ହଷ୍ଟେଲରେ ରାତିଅଧରେ ପାଣି ପଶିଯିବାରୁ ପିଲାମାନେ ଖଟ ଉପରେ ବସି ଆଶ୍ରୟ ନେଇଥିଲେ। ଗ୍ରାମବାସୀ ଏବଂ ଶିକ୍ଷକମାନେ ପିଲାଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଥିଲେ। ସ୍କୁଲ ମଧ୍ୟରେ ଥିବା ଆସବାବ ପତ୍ର ଭାସିଯିବା ସହ ଚାଉଳ ବସ୍ତା ଗୁଡ଼ିକ ପାଣିରେ ଭିଜିଯାଇଛି। ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବିଷଧର ସାପ ମଧ୍ୟ ବୁଲୁଥିବା ଦେଖିବାକୁ ମିଳିଛି। ସ୍କୁଲ ମଧ୍ୟକୁ ସାପ ପଶିଥିବାବେଳେ ଆଉ ଏକ ସ୍ଥାନରେ ଗଛ କରୋଡ଼ରେ ଅଜଗର ଆଶ୍ରୟ ନେଇଥିବା ନଜରକୁ ଆସିଛି।

- ଖଇରା ନଦୀରେ ହାତୀଛୁଆ ଭାସିଯାଇ ଅଳ୍ପକେ ବଞ୍ଚିଲା
- ଭୀମପୁର ସ୍କୁଲ, ହଷ୍ଟେଲରେ ପଶିଲା ପାଣି
- ପିଣ୍ଡାଗୁଡ଼ିରେ ଭାଙ୍ଗିଲା ବ୍ରିଜ୍

ସେହିଭଳି ଖଇରା ସ୍ଥିତ ମେରିଙ୍ଗି ସାନନଦୀ ନାଳରେ ଏକ ହାତୀଛୁଆ ଭାସିଯାଇଥିଲା। ୬ ଟିକିଆ ହାତୀ ପଲ ସେହି ଅଞ୍ଚଳରେ ରହୁଥିବାବେଳେ ଛୁଆ ହାତୀଟି ପାଣି ପ୍ରଖର ସ୍ରୋତରେ ଭାସିଯାଇଥିଲା। ପରେ ହାତୀଛୁଆ ନିଜ ଜୀବନ ବଞ୍ଚାଇ ପାଣିରୁ ସୁରକ୍ଷିତ ବାହାରି ଆସିଥିବା ରେଞ୍ଜର ରଞ୍ଜନ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଭୀମପୁର ପଞ୍ଚାୟତର ପିଣ୍ଡାଗୁଡ଼ ଠାରେ ବ୍ରିଜ୍ ଭାଙ୍ଗିଯିବା ଫଳରେ ଭୀମପୁରଠାରୁ ପଦ୍ମପୁର ବ୍ଲକ ମଧ୍ୟରେ ସେହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶଗଡ଼ା ପଞ୍ଚାୟତର ଅଙ୍ଗରା, ଗୁଡାଡା ଅଞ୍ଚଳରେ ପାହାଡ଼ ପାଣି ଆସି ଧାନଜମିରେ ମାଡ଼ିଯାଇଛି। ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଧାନ ଫସଲ ମଧ୍ୟ ନଷ୍ଟ ହୋଇଛି। ୫୦ ହେକ୍ଟର ଜମିରେ ଧାନତଳି କ୍ଷତି ହୋଇଥିବା କୃଷି ବିଭାଗ ଆକଳନ କରିଛି।



ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପିଣ୍ଡାଗୁଡ଼ିଠାରେ ବ୍ରିଜ୍ ଭାଙ୍ଗିଯାଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ଗୁରୁତର

ପାପଡ଼ାହାଣ୍ଡି,୧୭।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ଖଜୁରୀ ଗ୍ରାମରେ ଶନିବାର ସାପ କାମୁଡ଼ାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ପୂଜାରୀଗୁଡ଼ା ଗ୍ରାମର ଚୈତନ ପୂଜାରୀ(୨୮) କାମ କରିବା ପାଇଁ ଖଜୁରୀ ଗ୍ରାମକୁ ଯାଇଥିଲେ। ଚାଷ ଜମିରେ କାମ କରିବା ସମୟରେ ଏକ ବିଷଧର ସାପ ଚୈତନ୍ୟଙ୍କୁ କାମୁଡ଼ିଥିଲା। ଏହା ଜାଣିବା ପରେ ସେ ତାଙ୍କ ସହ କାମ କରୁଥିବା ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଚୈତନ୍ୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ୪ ଦିନ ପରେ ମଧ୍ୟ ଫେରିଲେନି ରାମେ
### ଥାନାରେ ଏତଲା ଦେଲେ ପରିବାର ଲୋକେ

କୋରୁକୋଣ୍ଡା ୧୭।୭(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ପଞ୍ଚାୟତ ସୀମାକୁଣ୍ଡା ଗ୍ରାମର ମହିଳା ରାମେ ପଡିଆମୀ (୩୦) ଗତ ମଙ୍ଗଳବାର ପୁଅ ପଢୁଥିବା ସ୍କୁଲକୁ ଯାଇ ଆଉ ଫେରିନାହାନ୍ତି। ରମେଙ୍କ ଦୁଇଟି ସନ୍ତାନ ଥିବାବେଳେ ସ୍ୱାମୀଙ୍କ ୭ ବର୍ଷ ତଳେ ମୃତ୍ୟୁ ହୋଇସାରିଛି। ଝିଅର ବୟସ ୯ ବର୍ଷ ହୋଇଥିବା ବେଳେ, ପୁଅର ବୟସ ୭ବର୍ଷ। ଝିଅଟିକୁ ରାମେ ନିଜ ପାଖରେ ରଖି ଗାଁ ସ୍କୁଲରେ ପଢାଉଥିବା ବେଳେ ପୁଅଟିକୁ ମାଲକାନଗିରି ସଦର ବ୍ଲକ ଗଉଡଗୁଡାଠାରେ ଥିବା ଆବାସିକ ବିଦ୍ୟାଳୟରେ ଛାଡିଥିଲେ। ସେଠାରେ ସେ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ରାମେ ଗତ ମଙ୍ଗଳବାର ପୁଅକୁ ଦେଖିବାକୁ ଗଉଡଗୁଡା ଯାଇଥିଲେ। ହେଲେ ସେ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଗଉଡଗୁଡା ସ୍କୁଲକୁ ଯୋଗାଯୋଗ କରିଥିଲେ। ସେଠାରେ ଦାୟିତ୍ୱରେ ଥିବା ଶିକ୍ଷକ ରାମେ ଦିନ ଗୋଟାଏରେ ଆସି ପୁଅକୁ ଦେଖି ଫେରି ଯାଇଥିଲେ ବୋଲିତି କହିଥିଲେ। କୌଣସି ସମ୍ପର୍କୀୟଙ୍କ ଘରକୁ ବୁଲି ଯାଇଥିବେ ଭାବି ପରିବାର ନୀରବ ରହିଥିଲେ। ତାପର ଦିନ ବୁଧବାର ମଧ୍ୟ ରାମେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜ ଖୋଜି ଆରମ୍ଭ କରିଥିଲେ। ବହୁ ଖୋଜଖୋଜି କରିବା ପରେ ତାଙ୍କର କିଛି ଖବର ନ ମିଳିବାରୁ ଶେଷରେ ଶନିବାର ଦିନ ପରିବାର ଲୋକେ ଓର୍କେଲ ଥାନାରେ ଏତଲା ଦେଇଛନ୍ତି ବୋଲି ରାମେଙ୍କ ଦାଦା ଶଶୁର ରାମା ପଡିଆମୀ କହିଛନ୍ତି।

### ନିଜ ପଞ୍ଚାୟତରେ ବ୍ୟାଙ୍କ ସେବା ପାଇବେ ସ୍ୱାଭିମାନ ଅଞ୍ଚଳବାସୀ

ଚିତ୍ରକୋଣ୍ଡା,୧୭।୭(ଡି.ଏନ.ଏ.)- ଭତ୍ତା ଆକାଉଣ୍ଟ ଜରିଆରେ ଦେବାକୁ ପ୍ରଶାସନ ସ୍ଥିର କରିଥିବା ବେଳେ ବ୍ୟାଙ୍କ ସେବା, ନେଟୱାର୍କ ବ୍ୟବସ୍ଥା ଏବଂ ଗ୍ରାହକ ସେବା କେନ୍ଦ୍ର ନ ଥିବା ଦୁର୍ଗମ ଅଞ୍ଚଳରେ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ୮ଟି ପଞ୍ଚାୟତ ଅଞ୍ଚଳରେ ହିତାଧିକାରୀମାନେ ଭତ୍ତା ଟଙ୍କା ନେବାକୁ ଚିତ୍ରକୋଣ୍ଡା ଆସିଥାନ୍ତି। ଏଥିପାଇଁ ସେମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଏନେଇ ବିଭିନ୍ନ ପଞ୍ଚାୟତ ପକ୍ଷରୁ ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଡ଼ିଓ ରଘୁନାଥ ମୁଣ୍ଡାରୀ ଜିଲା ପ୍ରଶାସନକୁ ଜଣାଇଥିଲେ। ଜିଲା ପ୍ରଶାସନ ହିତାଧିକାରୀଙ୍କ ଏହି ସମସ୍ୟାକୁ ଉପଲବ୍ଧି କରି ପଞ୍ଚାୟତ ସ୍ତରରେ ଭତ୍ତା ପ୍ରଦାନ ଲାଗି ଅନୁମତି ଦେଇଛନ୍ତି। ବିଡ଼ିଓଙ୍କ ନିର୍ଦ୍ଦେଶରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମର ମାଡ଼କାମି ଏବଂ ଚିତ୍ରକୋଣ୍ଡା ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ସିଦ୍ଧାର୍ଥ ନାୟକ,କିଓସ୍କି ପରିଚାଳକ ସିମାଞ୍ଚଳ ପାଢ଼ୀ ଓ ସାମାଜିକ କର୍ମୀ ବିରାଜ ମଣ୍ଡଳଙ୍କ ସହଯୋଗରେ ରାଲେଗଡ଼ା ପଞ୍ଚାୟତର ସାକୁବନ୍ଧାଠାରେ ୩୦ ଜଣଙ୍କୁ ବିଭିନ୍ନ ଭତ୍ତା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅବଶିଷ୍ଟ ପଞ୍ଚାୟତକୁ ଯାଇ ଭତ୍ତା ପ୍ରଦାନ କରାଯିବ ବୋଲି ଜଣାପଡିଛି। ପ୍ରତିମାସରେ ହିତାଧିକାରୀମାନେ ଏପରି ସୁବିଧା ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଚାଷ ଜମିରୁ ଗୋଧି ଉଦ୍ଧାର

ନନ୍ଦାହାଣ୍ଡି,୧୭।୭(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଗ୍ରାମରେ ଚାଷଜମିରେ ଥିବା ଏକ ଗୋଧିକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଗାଁର ବୁଲୁ ଗାଦବା ନିଜ ଜମିରେ ଧାନରୁଆ କାମ କରୁଥିବା ବେଳେ ଏହି ବିରଳ ଜନ୍ତୁ ଦେଖି ଭୟଭୀତ ହୋଇଯାଇଥିଲେ। ଚାଷ କାମରେ ନିୟୋଜିତ ଥିବା ଲୋକଙ୍କ ସହାୟତାରେ ଗୋଧିକୁ କାବୁ କରି ସ୍ଥାନୀୟ ଫାଣ୍ଡିରେ ହସ୍ତାନ୍ତର କରିଥିଲେ। ପରେ ଏହା ଗୋଧି ବୋଲି ଜଣାପଡ଼ିଥିଲା। ବନ ବିଭାଗକୁ ଖବର ଦିଆଯିବା ପରେ ବିଭାଗୀୟ କର୍ମଚାରୀ ପହଞ୍ଚି ଗୋଧିକୁ ଉଦ୍ଧାର କରି ନେଇଛନ୍ତି।

ଏଭଳି ଜନ୍ତୁ ଅଞ୍ଚଳରେ ପ୍ରଥମ ଥର ପାଇଁ ଦେଖା ଦେଇଥିବାରୁ ଏହା କେମିତି ଆସିଲା ତାହା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଲଗାଣ ବର୍ଷା ଯୋଗୁ ନିକଟସ୍ଥ ବାଙ୍ଗିରି ନାଳ ଉପରମୁଣ୍ଡରୁ ଗୋଧିଟି ଭାସି ଆସିଥିବା ଅନୁମାନ କରାଯାଉଛି। ବନ ବିଭାଗ କର୍ମଚାରୀଙ୍କ କହିବା ହେଲା ଗୋଧିଟିର ବୟସ ତିନିରୁ ଚାରି ବର୍ଷ ହେବ। ଜିଲା ରେଞ୍ଜ ଅଫିସକୁ ନେଇ ଡାକ୍ତରୀ ମାଇନା ପରେ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତାକୁ ସୁରକ୍ଷିତ ସ୍ଥାନରେ ଛଡ଼ାଯିବ ଯିବ ବୋଲି କୁହାଯାଇଛି।

# ବିଜୟ କୁମାର ରାଜ୍ୟ ବଲ୍ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ

ଉମରକୋଟ,୧୭।୭(ସ୍ୱ.ପ୍ର.)




ନବରଙ୍ଗପୁର ଜିଲା ବଲ୍ ବ୍ୟାଡ୍‌ମିଣ୍ଟନ ସଂଘର ସଭାପତି ତଥା ଉମରକୋଟର କ୍ରୀଡ଼ା ଶିକ୍ଷକ ଏମ୍. ବିଜୟ କୁମାର ରଜ୍ୟ ବଲ୍ ବ୍ୟାଡ୍‌ମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ପୁରୀ ଠାରେ ଅନୁଷ୍ଠିତ ରାଜ୍ୟ ସଂଘର ବିଭିନ୍ନ ପଦ ପଦବୀ ସକାଶେ ନିର୍ବାଚନ ଅନୁଷ୍ଠିତ ହେଇଥିଲା। ରାଜ୍ୟ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ବିଜୟ ଜଣେମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ ବିରୋଧରେ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ବିଜୟ କୁମାର ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷିତ ହୋଇଛନ୍ତି। ନିର୍ବାଚନରେ ୩୦ ଜିଲାର ସଭାପତି ଓ ସମ୍ପାଦକ ଅଂଶଗ୍ରହଣ କରିଥିଲେ। ଏହି ଖବର ଉମରକୋଟରେ ପହଞ୍ଚିବପରେ ତାଙ୍କ ନିକଟରେ ଅନେକ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି।

# ଅଭାବୀ ବିକ୍ରି ସମସ୍ୟାରେ ସପୁରି ଚାଷୀ

ମୁନିଗୁଡ଼ା,୧୭।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ମୁନିଗୁଡ଼ା ଅଞ୍ଚଳରେ ଅଧିକ ପରିମାଣରେ ସପୁରୀ ଚାଷ ହୋଇଥାଏ। ଚାଷୀ ଏବଂ ବିଶେଷକରି ନିୟମଗିରି ଅଞ୍ଚଳର ଡଙ୍ଗରିଆମାନେ ସପୁରୀ ଚାଷ କରି ଜିଲା ସମେତ ପଡ଼ୋଶୀ ରାୟପୁର ଏବଂ ବିଶାଖାପାଟଣାକୁ ପଠାଇ ଭଲ ଟଙ୍କା ରୋଜଗାର କରିଥାନ୍ତି। ମୁନିଗୁଡ଼ା ବଜାରରେ ସାଧାରଣତଃ ସପୁରୀ ଗୋଟାକୁ ୨୦ରୁ ୩୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଚଳିତ ବର୍ଷ ସପୁରୀ ଚାଷୀଙ୍କୁ ଅଭାବୀ ବିକ୍ରି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଛି।

ସାମୟିକ ଭାବେ ଉନ୍ନୟନ କାର୍ଯ୍ୟ ପାଇଁ ଜୁଲାଇ ୭ ରୁ ୧୭ ପର୍ଯ୍ୟନ୍ତ ଅନେକ ଟ୍ରେନ୍ ବାତିଲ ଘୋଷଣା କରାଯାଇଥିଲା। ରାୟପୁର–ବିଶାଖାପାଟଣା ଟ୍ରେନ୍ ମଧ୍ୟ ବାତିଲ ହୋଇଥିଲା। ଫଳରେ ଚାଷୀ ସପୁରୀ ରାଜ୍ୟ ବାହାରକୁ ପଠାଇ ପାରିନାହାନ୍ତି। ଏହି ଟ୍ରେନ୍‌ରେ ସପୁରୀ ବ୍ୟତୀତ ଚାଷୀ ଆମ୍ବ ଏବଂ ଜାମୁକୋଳି ରାଜ୍ୟ ବାହାରକୁ ପଠାଇଥାନ୍ତି। ଟ୍ରେନ୍ ବନ୍ଦ ଥିବାବେଳେ ଅଞ୍ଚଳରେ ମଧ୍ୟ ଉପଯୁକ୍ତ ବଜାର ସୁବିଧା ନାହିଁ। ଫଳରେ ଚାଷୀ ନିଜ ଅଞ୍ଚଳରେ ୨୦ ଟଙ୍କାରେ ୩ ରୁ ୪ ଟି ସପୁରୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏ ବର୍ଷ ଆମ୍ବ ମଧ୍ୟ କମ୍ ଉତ୍ପାଦନ ହୋଇଥିଲା। ଏଥିରେ ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ଟ୍ରେନ୍ ଚାଲିଲେ ସ୍ଥିତିରେ ସାମାନ୍ୟ ସୁଧାର ଆସିବ ବୋଲି ଚାଷୀ ଆଶା ରଖିଛନ୍ତି।

- ୨୦ ଟଙ୍କାରେ ବିକୁଛନ୍ତି ୪ଟି
- ଟ୍ରେନ୍ ବାତିଲ ଯୋଗୁ ରାଜ୍ୟ ବାହାରକୁ ଯାଇପାରିଲାନି
- କ୍ଷତିଗ୍ରସ୍ତ ଡଙ୍ଗରିଆ ଚାଷୀ



## ସାପକୁ ସୁରକ୍ଷା ଦେବା, ଅନ୍ଧବିଶ୍ୱାସକୁ ଦୂର କରିବା

ବ୍ରହ୍ମପୁର ଅଫିସ,୧୭।୭

ଆସିକା ରୋଡ଼ସ୍ଥିତ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ରହ୍ମପୁର ସ୍ନେକ ହେଲ୍ପଲାଇନ ପକ୍ଷରୁ ଶନିବାର ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବନ ସଂରକ୍ଷକ ଡ. ରୁଦ୍ର ପ୍ରସାଦ ରଥ, ସମ୍ମାନିତ ଅତିଥି ବ୍ରହ୍ମପୁର ରେଞ୍ଜର ରଜତ କୁମାର ମିଶ୍ର ଓ ପରିବେଶବିତ୍ ଚନ୍ଦନ ଜାନୀ ଯୋଗଦେଇଥିଲେ। ସାପ ବିଷୟରେ ଜନସାଧାରଣଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ କିପରି ଦୂର କରାଯାଇପାରିବ, ଏଥିସହ ଜନସାଧାରଣଙ୍କ ନିକଟରେ ସାପ କାମୁଡ଼ାକୁ ନେଇ ସଚେତନତା ବାର୍ତ୍ତା କିଭଳି ପହଞ୍ଚିପାରିବ ସେନେଇ ଅତିଥିମାନେ ମତ ଦେଇଥିଲେ। ଲୋକଙ୍କ ମଧ୍ୟରେ ସାପକୁ ନେଇ ରହିଥିବା ଅନ୍ଧବିଶ୍ୱାସକୁ ଦୂର କରିବା ସହ ସୁରକ୍ଷିତ ଭାବେ ସାପକୁ କିପରି ଉଦ୍ଧାର କରିହେବ ସେନେଇ ମୁଖ୍ୟ ଅତିଥି କହିଥିଲେ। ଗଞ୍ଜାମ ଜିଲାରେ ବହୁ ପ୍ରଜାତିର ସାପ ଦେଖାଯାଉଥିବା ବେଳେ ତାର ସୁରକ୍ଷା ଓ ଲୋକଙ୍କ ନିକଟରେ ପରିଚିତି କରାଇବା ପାଇଁ ବନ ବିଭାଗ ଓ ସାପ ଉଦ୍ଧାରକାରୀ ମିଳିତ ଭାବେ କାର୍ଯ୍ୟ କରିବାକୁ ରେଞ୍ଜର ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାମଣାର ବନପାଳ ରୂପକ ରଞ୍ଜନ ପାତ୍ର, ସ୍ନେକ୍ ହେଲ୍ପଲାଇନ ସଦସ୍ୟ ରାଜେଶ ପୃଷ୍ଟି, ସନ୍ଦୀପ ସେଠୀ, ସ୍ୱାଧୀନ ସାହୁ, ଶ୍ରୀକାନ୍ତ ନାହାକ, ତାରା ପ୍ରସାଦ ଦାଶ ଓ ମନୋରଞ୍ଜନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତା ଉପରେ କାଦୁଅ ମାଟି ପକାଇ କନିଷ୍ଠ ଯନ୍ତ୍ରୀଙ୍କ ଦେଖାନାହିଁ

ନବରଙ୍ଗପୁର,୧୭।୭(ବି.ପ୍ର.)

ନବରଙ୍ଗପୁର ପୌରାଞ୍ଚଳ ୧୫ ନମ୍ବର ୱାର୍ଡର ମୁଖ୍ୟ ରାସ୍ତା ତଥା ତାପାକରିଆଗୁଡା–ଭେଣ୍ଡିଗୁଡାକୁ ସଂଯୋଗ କରୁଛି ଏକ ମେଟାଲ ମୋରମ ରାସ୍ତା। ସଂଯୋଗୀକରଣ ଏହି ମୁଖ୍ୟ ରାସ୍ତା ନିକଟରେ ଗତ ମେ ମାସରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ପାଇପ ବିଛାଯାଇ କାମ କରାଯାଇଥିଲା। ସେହି ସମୟରେ ରାସ୍ତା ଖୋଳା ଯାଇ ୩ ଦିନ ଯାତାୟାତ ବନ୍ଦ ରହିଥିଲା। ଏବେ ପୁଣି ସେହି ସ୍ଥାନରେ ପାଇପ ଲାଇନ ପାଇଁ ପାଇପ ବିଛାଇବାକୁ ଖୋଳା ଯାଇ ପାଇପ କାମ କରାଗଲା। ସେହି ସ୍ଥାନରେ ଉଚ୍ଚା କରି ମାଟି ପକାଗଲା। ଏବେ ସେହି ରାସ୍ତାରେ ଗାଡିମୋଟର ଯିବା ଦୂରେ ଥାଉ ସାଇକେଲଟିଏ ଅବା ମଣିଷଟିଏ ଚାଲିଚାଲି ଯିବା କଷ୍ଟକର ହୋଇପଡିଛି। ଏନେଇ ଜନସାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ରାୟଙ୍କୁ ପଚାରିବାରୁ ଟିକିଏ ବର୍ଷା କମିଯାଉ। ଆମ ପାଖରେ କ୍ରସର ଡ଼ଷ୍ଟ ରହିଛି ତାହା ପକାଇଦେବୁ ବୋଲି କହିଥିଲେ। ବର୍ଷା କମିବା ପରେ ଶନିବାର କନିଷ୍ଠ ଯନ୍ତ୍ରୀ ରାସ୍ତା ନିକଟକୁ ଆସି ୨ ଘଣ୍ଟା ମଧ୍ୟରେ କ୍ରସର ଡ଼ଷ୍ଟ ପକାଇ ଦେବୁ ଲୋକଙ୍କୁ ଡାକୁଛି କହି ଆଉ ଦେଖା ଦେଲେ ନାହିଁ। ସାହି ବାସିନ୍ଦା ତାଙ୍କ ମୋବାଇଲକୁ ଯୋଗାଯୋଗ କଲେ ଆଉ ଉତ୍ତର ଦେଉନାହାନ୍ତି। ଉକ୍ତ ସ୍ଥାନରେ କୌଣସି ଅଘଟଣ ଘଟିଲେ କନିଷ୍ଠଯନ୍ତ୍ରୀ ନିଜେ ଦାୟୀ ରହିବେ ବୋଲି ସହିବସିନ୍ଦା କହିଛନ୍ତି।



**କିଛି ଅଘଟଣ ଘଟିଲେ ଦାୟୀ ରହିବେ କନିଷ୍ଠଯନ୍ତ୍ରୀ: ସାହିବାସିନ୍ଦା**

## ଚୋରି ମୋବାଇଲ ଉଦ୍ଧାର, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୭।୭:

କ୍ରିଷ୍ଣା ଲଜରୁ ମୋବାଇଲ ଫୋନ ଚୋରି କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଦିଗପହଣ୍ଡି ଗୋକର୍ଣ୍ଣପୁରର ବିପିନ ମହାନ୍ତି ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଚୋରି ମୋବାଇଲ ଜବତ କରାଯାଇଛି। ଏ ନେଇ ନଂ. ୧୮୯/୨୨ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ବିପିନଙ୍କୁ ଧରା ଯାଇଥିବା ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। କ୍ରିଷ୍ଣା ଲଜର ସୁପରଭାଇଜର ଦେବାଶିଷ ସାହୁ ନିଜ କାର୍ଯ୍ୟାଳୟରେ ବସିଥିବା ବେଳେ ଅଭିଯୁକ୍ତ ବିପିନ ତାଙ୍କ ବୋମାଇଲ ଚୋରି କରି ନେଇଯାଇଥିଲେ।

# ରେଫରି ଭାବେ ନବରଙ୍ଗପୁରର ହରିଶଙ୍କ ମାଲେସିଆ ଗସ୍ତ



ମାଲେସିଆ ଯାତ୍ରା ପୂର୍ବରୁ ହରିଶଙ୍କୁ ଶୁଭେଚ୍ଛା ଜଣାଯାଉଛି।

ନବରଙ୍ଗପୁର,୧୭।୭(ବି.ପ୍ର.)

**ଅନ୍ତର୍ଜାତୀୟ ପେନ୍‌ଚାକ ସିଲାଟ ଚମ୍ପିୟାନଶିପ୍**

ଜୁଲାଇ ୨୦ ରୁ ୩୧ ପର୍ଯ୍ୟନ୍ତ ମାଲେସିଆର ମେଲାକ ସହରରେ ଅନୁଷ୍ଠିତ ହେବାକୁ ଥିବା ୧୯ ତମ ବିଶ୍ୱ ପେନ୍‌ଚାକ ସିଲାଟ ଚମ୍ପିୟାନଶିପ୍ ନିମନ୍ତେ ରେଫରୀ ଭାବେ ଭାରତର ୩ ଜଣଙ୍କ ମଧ୍ୟରୁ ଓଡ଼ିଶାର ଜଣେ ମାତ୍ର ମନୋନୀତ ହୋଇଛନ୍ତି। ସେ ହେଲେ ନବରଙ୍ଗପୁର ଗାନ୍ଧୀନଗରର ହରିଶ ଚନ୍ଦ୍ର ବେହେରା। ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରୁ ହରିଶଙ୍କ ଏପରି ସଫଳତା ନେଇ ଜିଲାର କ୍ରୀଡ଼ାବିତ୍‌ଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

ହରିଶଙ୍କ ମାଲେସିଆ ଗସ୍ତ ପାଇଁ ଦୁଇ ଲକ୍ଷ ଟଙ୍କାର ଆବଶ୍ୟକ ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ୧୦ ହଜାର, ଷ୍ଟେଟବ୍ୟାଙ୍କ ପକ୍ଷରୁ ୧୦ ହଜାର, ମଙ୍ଗଳମ୍ ଟିମ୍ବର ପକ୍ଷରୁ ୫ ହଜାର, ଉମରକୋଟ ଯାଦବ ମାଝି ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୦ ହଜାର ଏବଂ ସାଙ୍ଗ ସାଥୀଙ୍କ ପକ୍ଷରୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ହରିଶଙ୍କୁ ଜିଲାପାଳ କମଳ ଲୋଚନ ମିଶ୍ର, ଜିଲା କ୍ରୀଡ଼ା ସଂଘର ଉପ ସଭାପତି ଏମ. ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଓକିଲ ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର, ସାମାଜିକକର୍ମୀ ଜଗନାଥ ମହାପାତ୍ର, ଅଧ୍ୟାପକ ଅଖିଳ ଭଞ୍ଜ, ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ସାହୁ, ସାମାଜିକକର୍ମୀ ସୂର୍ଯ୍ୟ ନାରାୟଣ ଲେଙ୍କା, ନୀଳମାଧବ ପାତ୍ର, ବଡି ବିଲ୍ଡିଂ ସଂଘର ସମୀର ପାତ୍ର, ପେନ୍‌ଚାକ ସିଲାଟ ସଂଘର ସଭାପତି ଦୀପକ କୁମାର ସାହୁ, ଉପଦେଷ୍ଟା ଜଗନ୍ନାଥ ବେହେରା, ଚିନ୍ମୟ ପାଳ, ସାନୁ ହରିଜନ, ରମାନନ୍ଦ ସତନାମୀ ଓ ଜିଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ଶୁଭେଚ୍ଛା ଜଣାଇଛନ୍ତି।

## ବର୍ଷା ବିଭ୍ରାଟ



ମେରିଙ୍ଗି ସାନନଦୀର ନାଳରେ ହାତୀଛୁଆ ଭାସିଯାଉଛି।



ଗଛ କୋରଡ଼ରେ ଅଜଗର ଆଶ୍ରୟ ନେଇଛି।



ଗୁଡାଡା, ଅଙ୍ଗରା ଅଞ୍ଚଳରେ ଜମିରେ ପାଣି।



ଭୀମପୁର ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ସାପ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ଜୟପୁର, ୧୭।୭ (ନି.ପ୍ର.)- ବିଦ୍ୟୁତ୍ ଆଘାତରେ ରବିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ବୈପାରିଗୁଡା ଥାନା ଅନ୍ତର୍ଗତ ଅଲାଁଯୋଡି ଗ୍ରାମର କୃଷ୍ଣ ଖିଲ (୨୭)। ଜୟପୁର ପ୍ରକାଶ ବିଦ୍ୟାଳୟ ନିକଟରେ କାମ କରୁଥିବା ବେଳେ କୃଷ୍ଣ ମୋବାଇଲ ଚାର୍ଜ କରୁଥିଲେ। ସେହି ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଅସି ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବରପାଇ ଟାଉନଥାନା ପୋଲିସ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ କରାଇଛି। ୨୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପୂଜ୍ୟପୂଜା ସଂସଦର ରୌପ୍ୟ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଜୟପୁର, ୧୭।୭ (ନି.ପ୍ର.)- ଜୟପୁର ପୂଜ୍ୟପୂଜା ସଂସଦର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଉପର କୋଲାବ ଯୋଜନା ଉଚ୍ଚ ବିଦ୍ୟାଳୟ ଜଳସେଚନ ବସତିଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ୩ୟ, ୪ର୍ଥ ଓ ୫ମ ଶ୍ରେଣୀର ଛାତ୍ରୀଛାତ୍ର ଶ୍ରୁତଲିଖନ, ଷଷ୍ଠ, ସପ୍ତମ ଓ ଅଷ୍ଟମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଗଳ୍ପ କଥନ ଓ କବିତା ଲିଖନ ପ୍ରତିଯୋଗିତା ହୋଇଥିଲା। ସେହିପରି ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନେ ଓଡ଼ିଶାର ବିଶିଷ୍ଟ କବିଙ୍କ କବିତା ଆବୃତ୍ତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗାଳ୍ପିକ ଉଦୟ ଶଙ୍କର ଜାନି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୈରାଗୀ ଚରଣ ସାହୁ, ମୃତ୍ୟୁଞ୍ଜୟ ସାହୁ, ପୁଷ୍ପାଞ୍ଜଳି ସାହୁ, ସୌଭାଗିନୀ ନନ୍ଦ, ସରସ୍ୱତୀ ସାହୁ ପ୍ରମୁଖ କରିଚାଳନା କରିଥିଲେ। ସସଂଦ ସଭାପତି କେଦାରନାଥ ବେହେରା, ଉପସଭାପତି ଭାସ୍କର ସାମନ୍ତରାୟ, ସମ୍ପାଦକ ତପନ କିରଣ ତ୍ରିପାଠୀ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୮ରେ ରୌପ୍ୟ ଜୟନ୍ତୀ ଉତ୍ସବରେ ପୁରସ୍କୃତ କରାଯିବ। ଫଟୋ: ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

### କବି ଅନିଲ ଚନ୍ଦ୍ର ଦାସଙ୍କ ପରଲୋକ

ବୈପାରିଗୁଡା, ୧୭।୭ (ଡି.ଏନ୍.ଏ.)- ରାଜ୍ୟ ଓ ଜାତୀୟ ସ୍ତରରେ ଶ୍ରେଷ୍ଠ ଶିକ୍ଷକ ଭାବେ ପରିଚିତ ତଥା ଜଣେ ସାହିତ୍ୟିକ ବୈପାରୀଗୁଡା ବ୍ଲକ କେନ୍ଦୁଗୁଡା ଗ୍ରାମର ଅନିଲ ଚନ୍ଦ୍ର ଦାସଙ୍କ ଶନିବାର ପରଲୋକ ହୋଇଯାଇଛି। ଦୀର୍ଘ ଦିନ ହେବ ସେ କର୍କଟ ରୋଗରେ ପୀଡ଼ିତ ହୋଇ କଟକ ବଡ ମେଡିକାଲ୍‌ରେ ଚିକିତ୍ସିତ ହେଉଥିଲେ। ଦାସଙ୍କ ପୈତୃକ ଘର କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଧବାଲୋ ଗ୍ରାମରେ। ସେ ଏଠାରେ ରହି କୁନ୍ଦୁରା ବ୍ଲକରେ ଶିକ୍ଷକତା କରୁଥିଲେ। ସେ ସାହିତ୍ୟ ସାଧନା ପାଇଁ ଅନେକ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁରେ କୋରାପୁଟ ଜିଲାର ଶିକ୍ଷକ ଓ ସାହିତ୍ୟପ୍ରେମୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

### ସିୱା ପକ୍ଷରୁ ବୃକ୍ଷରୋପଣ

ଜୟପୁର, ୧୭।୭ (ନି.ପ୍ର.)- ହରଦପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସିୱା ଅନୁଷ୍ଠାନର ସଭ୍ୟମାନେ ଜି.ଭି. ରେଡ୍ଡିଙ୍କ ନେତୃତ୍ୱରେ ନାଗେଶ୍ୱରୀ, କରଞ୍ଜ, ନିମ, ପଣସ, ଅଁଳା, ବାହାଡ଼ା, ପିଜୁଳି ଆଦି ଶହେ ବୃକ୍ଷରୋପଣ କରିଛନ୍ତି। ସମ୍ପାଦକ ପ୍ରତାପ ପଟ୍ଟନାୟକ, ପ୍ରଦୀପ୍ତ ସାହୁ, ମୁରଲୀ ପଟ୍ଟନାୟକ, ନଳିନୀ, ଅଶୋକ ଚୌଧୁରୀ, ସୌମ୍ୟ ରଞ୍ଜନ ଦଳାଇ, ରବୀନ୍ଦ୍ରନାଥ ସାହୁଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଶିକ୍ଷୟିତ୍ରୀ ମଞ୍ଜୁବାଳା ସାହୁ, ଶିକ୍ଷକ ବିପିନ ମହାରଣା, ହରିହର ଚାଲାଣ ସହଯୋଗ କରିଥିଲେ।

## ୫୦ ଲକ୍ଷ କ୍ୟୁସେକ୍ ଜଳ ହେଲେ ୭ ହଜାର ଲୋକ ପ୍ରଭାବିତ ହେବେ: ଜିଲାପାଳ

ମାଲକାନଗିରି, ୧୭।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗତ ୬ଦିନ ଧରି ପ୍ରବଳ ବର୍ଷା ହେବାରୁ ମାଲକାନଗିରି ଜିଲା ସୀମାନ୍ତ ମୋଟୁ ଅଞ୍ଚଳରେ ପ୍ରାୟ ୫୦ ପ୍ରତିଶତ ଜଳମଗ୍ନ ହୋଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ବର୍ଷାଜଳ ପ୍ରବେଶ କରିବାରୁ ବହୁ ସରକାରୀ କାଗଜପତ୍ର ନଷ୍ଟ ହେବା ସହ ଅନେକ ଘରଦ୍ୱାର ମଧ୍ୟ ନଷ୍ଟ ହୋଇଛି। ଏପରିକି ମୋଟୁ ଅଞ୍ଚଳରେ ଥିବା ୩ଟି ବିଦ୍ୟାଳୟର ୩୨୮ ଜଣ ଛାତ୍ରୀଛାତ୍ରଙ୍କୁ ଏମ୍‌ଭି–୮୮ର ୫ଟି ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ଓ ଗୋଦାବରୀ ନଦୀର ଜଳସ୍ରୋତ ଯୋଗୁ ମୋଟୁ ଅଞ୍ଚଳରେ ବର୍ଷା ଜଳ ପ୍ରବେଶ କରୁଛି। ଏନେଇ ରବିବାର ମାଲକାନଗିରି ଜିଲାପାଳ ବିଶାଲ ସିଂ ଏକ ଖବରଦାତା ସମ୍ମିଳନୀରେ ମୋଟୁ ଅଞ୍ଚଳର କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି ଯେ, ଗତ କିଛିଦିନ ହେବ ଲଗାଣ ଲଘୁଚାପ ବର୍ଷାରେ କାଲିମେଳା ବ୍ଲକର ମୋଟୁ ବିଶେଷ ପ୍ରଭାବିତ ହୋଇଛି। ତେବେ ପୋଲାଭରମ ପ୍ରକଳ୍ପରେ ୫୦ ଲକ୍ଷ କ୍ୟୁସେକ୍ ଜଳ ହେଲେ ମୋଟୁ ଅଞ୍ଚଳରେ ୧୦ ହଜାର ହେକ୍ଟର ଅଞ୍ଚଳରେ ଏହି ଜଳ ମାଡି ୭ ହଜାର ଲୋକଙ୍କ ଉପରେ ଏହାର ପ୍ରଭାବ ପଡିବ। ଏହି ୭ ହଜାର ପରିବାର ମଧ୍ୟରୁ ୫ ହଜାର ପରିବାର ଆଦିବାସୀ ଜନଜାତିର ଲୋକ ରହିଥିବା ଜିଲାପାଳ କହିଥିଲେ। ଲଘୁଚାପଜନିତ ବର୍ଷା ଯୋଗୁ ମୋଟୁ ଓ ପୁଶୁଗୁଡା ପଞ୍ଚାୟତରେ ଥିବା ୭ ଖଣ୍ଡ ଗ୍ରାମରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବର୍ଷା ଜଳ ଗ୍ରାମ ଭିତରେ


ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

ପଶିବାରୁ ଜଳବନ୍ଦୀ ଅବସ୍ଥାରେ ଥିବା ୫୬୫ ଜଣ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଜଳସ୍ତର ଧୀରେ

### ବିପଦ ସୃଷ୍ଟି କରୁଛି ପୋଲାଭରମ

ଧୀରେ କମୁଥିଲେ ମଧ୍ୟ ଆହୁରି ତିନିଦିନ ବର୍ଷା ହେବାକୁ ଥିବାରୁ ଜଳସ୍ତର ବଢିପାରେ ବୋଲି ଜିଲାପାଳ କହିଛନ୍ତି। ଏଥିପ୍ରତି ଜିଲାର ଅଧିକାରୀମାନେ ନଜର ରଖି ସଜାଗ ଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଦାବରୀ ନଦୀର ପଛୁଆ ଜଳ ପ୍ରଭାବରୁ ମୋଟୁ ଅଞ୍ଚଳ ୫୦ ପ୍ରତିଶତ ପ୍ରଭାବିତ ହୋଇଛି। ମୋଟୁ ପଞ୍ଚାୟତର ବିନାୟକପୁର, ଆଲମା ଗ୍ରାମର ଗ୍ରାମବାସୀଙ୍କୁ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଯେପରି କୌଣସି ଲୋକଙ୍କ ଧନଜୀବନ ନଷ୍ଟ ନ ହୁଏ ସେଥିପ୍ରତି ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି।


ଜୟପୁର ପୂଜ୍ୟପୂଜା ସଂସଦର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଉପର କୋଲାବ ଯୋଜନା ଉଚ୍ଚ ବିଦ୍ୟାଳୟ ଜଳସେଚନ ବସତିଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହେଉଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

## ଝଞ୍ଜାବତୀ ନଦୀରେ ଭାସିଯାଇ ଦମ୍ପତିଙ୍କ ମୃତ୍ୟୁ


ଅଗ୍ନିଶମ କର୍ମଚାରୀମାନେ ନଦୀରୁ ମୃତଦେହ ଉଦ୍ଧାର କରୁଛନ୍ତି।

କୋରାପୁଟ, ୧୭।୭ (ସ୍ୱ.ପ୍ର.)– କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ଦେଇ ଯାଇଥିବା ଝଞ୍ଜାବତୀ ନଦୀରେ ନଦୀପାର ହେଉଥିବା ବେଳେ ପ୍ରଖର ସ୍ରୋତରେ ଭାସିଯାଇ ଦମ୍ପତିଙ୍କ ମୃତ୍ୟୁ ହେବା ପରି ଏକ ଅଭାବନୀୟ ଘଟଣା ଘଟିଛି। ସେମାନେ ହେଲେ ନରି ହୁଲାକା (୫୫) ଓ ତାଙ୍କ ସ୍ତ୍ରୀ ସାହେବ ହୁଲକା (୫୦)। ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ଖବରରୁ ଜଣାପଡିଛି ଶନିବାର ଅପରାହ୍ନରେ ବନ୍ଧୁଗାଁ ବ୍ଲକର କୁଟ୍ରାବେଡା ପଞ୍ଚାୟତ ଗୁଲୁମିଗୁଡା ଗ୍ରାମରୁ ଗୁଣ୍ଡାପୁଟ ଗ୍ରାମକୁ ଯିବାକୁ ନରି ଓ ସାହେବ ଝଞ୍ଜାବତୀ ନଦୀ ପାର ହେଉଥିଲେ। ଏହି ସମୟରେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଉଭୟେ ନିଖୋଜ ହୋଇଯାଇଥିଲେ। ରବିବାର ନଦୀର ଗୁମୁଡାପୁଟ ଘାଟଠାରେ ନରି ଓ ସାହେବଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ବନ୍ଧୁଗାଁ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କୁ ଜଣାଇଥିଲେ। ଏନେଇ ସରପଞ୍ଚ କାଡ୍ରାକା ବନ୍ଧୁଗାଁ ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଥାନା ଓ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନଦୀରେ ଭାସୁଥିବା ଦମ୍ପତିଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ନରିଙ୍କ ବଡଭାଇ ଆପନ୍ନା ହୁଲକା ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇଛି। ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ କହିଛନ୍ତି।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ

କୋରାପୁଟ, ୧୭।୭ (ସ୍ୱ.ପ୍ର.)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ସୁରକ୍ଷାକର୍ମୀମାନଙ୍କ ପାଇଁ ଏକ ୩ଦିନିଆ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପଲିତା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା ସେଣ୍ଟ ଜନ୍ ଆମ୍ବୁଲାନ୍ସର ସଚିବ ତଥା କମିଶନର ଡାକ୍ତର ସନତ ପଟ୍ଟନାୟକ ମୁଖ୍ୟଅତିଥି, ତାଲିମ ଅଧିକାରୀ ଡାକ୍ତର ପି.କେ.ମହାପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ଜିଲା ପ୍ରକଳ୍ପ ଅଧିକାରୀ ସୁପ୍ରଭାତ ଷଡ଼ଙ୍ଗୀ, ବିଶ୍ୱ ବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ ଦାସ, ବିତ୍ତ ଅଧିକାରୀ କେ. କୋଶଳା ରାଓ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ପଲିତା ପ୍ରାଥମିକ ଚିକିତ୍ସାରେ ଦକ୍ଷତାର ମୂଲ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯେଉଁ ଅନୁଷ୍ଠାନରେ ଯେତେ ଅଧିକ ପ୍ରାଥମିକ ଚିକିତ୍ସା ତାଲିମପ୍ରାପ୍ତ ବ୍ୟକ୍ତିମାନେ ଅଛନ୍ତି ସେହି ଅନୁଷ୍ଠାନ ସେତେ ସୁରକ୍ଷିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ଘଟଣାରେ ଜୀବନ ବଞ୍ଚାଇବା ପାଇଁ ପ୍ରାଥମିକ ଚିକିତ୍ସା କୌଶଳର ଆବଶ୍ୟକତା ଉପରେ ମୁଖ୍ୟଅତିଥି ଡାକ୍ତର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୋରାପୁଟ ଜିଲାର ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ନେତୃତ୍ୱ ନେବା ପାଇଁ ସେ ବିଶ୍ୱବିଦ୍ୟାଳୟ ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟଙ୍କୁ କୋରାପୁଟ ଜନ ଆମ୍ବୁଲାନ୍ସର ସମ୍ମାନଜନକ ଯୁଗ୍ମ ସଚିବ ଭାବେ ମନୋନୀତ କରିଥିଲେ। ମୁଖ୍ୟବକ୍ତା ଡାକ୍ତର ମହାପାତ୍ର ବ୍ରିଟେନରେ ସେଣ୍ଟ ଜନ ଆମ୍ବୁଲାନ୍ସ ପ୍ରତିଷ୍ଠା ଏବଂ ପରେ ଭାରତରେ ଏହାର ପ୍ରତିଷ୍ଠାର କାରଣ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରୀ ସାମନ୍ତରାୟ ସ୍ୱାଗତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡାକ୍ତର ଫଗୁନାଥ ଭୋଇ, ମେଡିକାଲ ଅଫିସର ଡାକ୍ତର ବୀରପ୍ରସାଦ ଉପସ୍ଥିତ ଥିଲେ। ସେଣ୍ଟ ଜନ ଆମ୍ବୁଲାନ୍ସର ମାଷ୍ଟର ଟ୍ରେନର ଗଣେଶ ବାରିକ ପ୍ରାଥମିକ ଚିକିତ୍ସା ଉପରେ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମଚାରୀମାନଙ୍କୁ ତାଲିମ ଦେବେ। ପ୍ରଥମ ବ୍ୟାଚରେ ୨୫ ଜଣ ସୁରକ୍ଷା କର୍ମୀ ତାଲିମ ନେବେ।

## ଝାଡ଼ାବାନ୍ତି ରୋକିବା ଲାଗି ତତ୍ପରତା, ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ଦଶମନ୍ତପୁର, ୧୭।୭ (ଡ଼ି.ଏନ.ଏ.)

- ଗଠନ ହୋଇଛି ୧୧ ଜଣିଆ ଟିମ୍
- ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ
- ସ୍ଥିତି ଉପରେ ନଜର ରଖିଛନ୍ତି ସିଡିଏମ୍‌ଓ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତରେ ଝାଡ଼ାବାନ୍ତି ରୋଗରେ ସୁଧାର ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୧୧ ଜଣିଆ ଟିମ୍ ଗଠନ କରାଯାଇଛି। ଡୁମ୍ବାଗୁଡା ଏବଂ ହାତୀମୁଣ୍ଡା ଗ୍ରାମରେ ଝାଡାବାନ୍ତିରେ ଜଣକର ମୃତ୍ୟୁ ହୋଇଥିଲା। ୧୧ ଜଣ ଆକ୍ରାନ୍ତ ହୋଇଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶିତ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀରାମ ପରିଡ଼ାଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇଛି। ଟିମ୍‌ର ଡାକ୍ତର ଅଂଶୁମାନ ପାଢ଼ୀଙ୍କ ସମେତ ୫ ଜଣିଆ ଡାକ୍ତରୀଦଳ ରବିବାର ହାତୀମୁଣ୍ଡା ଗ୍ରାମରେ ପହଞ୍ଚି ଝାଡାବାନ୍ତିଠାରୁ କିପରି ଦୂରରେ ରହିବେ ସେନେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି ଟିମ୍ ଆଗାମୀ ୭ ଦିନ ଧରି ଗ୍ରାମରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପରିଡ଼ାଙ୍କ ସମେତ ବିପିଏମ୍ ଶ୍ରୀକାନ୍ତ ଦାସ, ପିଏଚଇଓ ଜୟରାମ ବିଶୋୟୀଙ୍କ ସହ ଏକ ୬ ଜଣିଆ ଟିମ୍ ପୁଡନଦୀ କୂଳରେ ଥିବା କାଶୀପୁର ସୀମାନ୍ତ ଅଞ୍ଚଳ କାଳିଆମ୍ବ, ଫୁଣ୍ଡାଗୁଡା, ଭଣ୍ଡିସିଲ ଚିକ୍ରାମ୍ବ ପଞ୍ଚାୟତର ଡୁମ୍ବାଗୁଡା ଏବଂ ଗିର୍ଲିଗୁମ୍ମା ପଞ୍ଚାୟତର ଗ୍ରାମଗୁଡିକରେ ଗ୍ରାମବାସୀଙ୍କ ପାଖରେ ପହଞ୍ଚିଛନ୍ତି। ଏଭଳି ମାରାତ୍ମକ ରୋଗଠାରୁ କିପରି ସୁରକ୍ଷିତ ରହିବା ସେନେଇ ବୁଝାଇଛନ୍ତି। ବ୍ଲିଚିଂ ପାଉଡର, ଓଆରଏସ୍, ଜିଙ୍କ, ହାଲୋଜିନ ଔଷଧ ବଣ୍ଟନ କରିଛନ୍ତି। ସିଡିଏମ୍‌ଓ ମଧ୍ୟ ସ୍ଥିତି ଉପରେ ନଜର ରଖିଥିବା ଜଣାପଡିଛି।


ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଝାଡାବାନ୍ତି ବ୍ୟାପିଥିବା ଗ୍ରାମରେ ସଚେତନ କରାଯାଉଛି।

## ଘରେ କେହି ନ ଥିବା ବେଳେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଦଶମନ୍ତପୁର, ୧୭।୭ (ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ଥାନା ଅନ୍ତର୍ଗତ ସଦର ପଞ୍ଚାୟତର ରାଧାକୃଷ୍ଣ କଲୋନୀରେ ଜଣେ ବ୍ୟକ୍ତିଙ୍କ ପରିବାର ଲୋକ କେହି ନ ଥିବା ସୁଯୋଗ ନେଇ ଶନିବାର ବିଳମ୍ବିତ ରାତିରେ ଚୋରମାନେ ପଶି ସୁନା ଅଳଙ୍କାର ଓ ନଗଦ ୪୬ ହଜାର ଟଙ୍କା ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

କଲୋନୀର ଉମେଶ ସେଠୀଙ୍କ ପରିବାର ଲୋକେ କୌଣସି କାମରେ ଜୟପୁର ଯାଇଥିଲେ। ସେମାନଙ୍କ ଫେରିବାରେ ବହୁ ବିଳମ୍ବ ହୋଇଥିଲା। ଏହାର ସୁଯୋଗରେ ଚୋରମାନେ ଘରେ ପଶି ଆଲମାରୀରେ ଥିବା ୪୬ ହଜାର ଟଙ୍କା, କାନଫୁଲ, ସୁନାହାର ଓ ମୁଦି ଚୋରି କରି ନେଇଥିବା ଜଣାପଡିଛି। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ବିଜୟରାଜ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବିଭିନ୍ନ ୱାର୍ଡ ବୁଲି ସ୍ଥିତି ପରଖିଲେ ପୌରାଧ୍ୟକ୍ଷ

ମାଲକାନଗିରି, ୧୭।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବନ୍ୟା ପରିସ୍ଥିତି ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ସମ୍ପର୍କରେ ରବିବାର ପୌରାଧ୍ୟକ୍ଷ ମନୋଜ ବାରିକ ସମୀକ୍ଷା କରିଛନ୍ତି। ସେ ୱାର୍ଡ ନଂ ୧୫ ଓ ୧୭ ଗସ୍ତ କରି ବିଭିନ୍ନ ସ୍ଥାନରେ ନାଳ ନିର୍ମାଣର ଆବଶ୍ୟକତା ଥିବା ଦେଖିଥିଲେ। ଅନେକ ରାସ୍ତା ମରାମତି ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବର୍ଷା ହେତୁ ମାଲକାନଗିରି ସଦର ମହକୁମାର ବିଭିନ୍ନ ୱାର୍ଡରେ ମଧ୍ୟ ନାଳନର୍ଦ୍ଦମା ସଫା ହୋଇ ନ ଥିବାରୁ ବର୍ଷା ଜଳ ଜମି ଅପରିଷ୍କାର ହୋଇପଡିଛି। ଫଳରେ ୱାର୍ଡବାସୀ ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡିଛି। କେତେକ ୱାର୍ଡରେ ଭଲ ରାସ୍ତା ନ ଥିବାରୁ କାଦୁଅରେ ପରିପୂର୍ଣ୍ଣ ହୋଇ ରହିଛି। ଏହାର ତୁରନ୍ତ ସମାଧାନ ପାଇଁ ପୌରାଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଏହାବ୍ୟତୀତ ବର୍ଷା ଯୋଗୁ ଡେଙ୍ଗୁ ସହ ଅନ୍ୟାନ୍ୟ ରୋଗ ବ୍ୟାପିବାର ଭୟ ଥିବାରୁ ବିଭିନ୍ନ ସ୍ଥାନରେ ସେ ସାନିଟାଇଜେସନ ବ୍ୟବସ୍ଥାର ମଧ୍ୟ ତଦାରଖ କରିଥିଲେ। ଏହି ଅବସରରେ ପୌର ଯନ୍ତ୍ରୀ କରଣ ବୁରୁଦା, ୧ ନମ୍ବର ୱାର୍ଡର କାଉନସିଲର ପେଣ୍ଡ୍ରାପ୍ରସାଦ ପଣ୍ଡା, ୧୭ ନଂ. ୱାର୍ଡ କାଉନସିଲର ରାଜୀବ ଲୋଚନ ଶିଶା, ୱାର୍ଡମେମ୍ବର ବିକାଶ ଦାସ, ପୂର୍ବତନ ବିଜେଡି ବ୍ଲକ ସଭାପତି ସର୍ବ କୁମାର ବିଶୋୟୀ, ବିଜୁ ଯୁବ ଜନତା ଦଳର ଉପସଭାପତି କଣ୍ଟେଶ୍ୱର ପଟଲା, କେ. ରାହୁଲ, ଲଚନା ରାଓ ପ୍ରମୁଖ ଉପସ୍ଥିତ ଥିଲେ।


ୱାର୍ଡ ବୁଲି ଦେଖୁଛନ୍ତି ପୌରାଧ୍ୟକ୍ଷ ମନୋଜ ବାରିକ।

## କୁଡୁମୁଲୁଗୁମ୍ମାରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଜାଗା ଚିହ୍ନଟ

କୁଡୁମୁଲୁଗୁମ୍ମା, ୧୭।୭ (ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ସଦର ମହକୁମାର ବିଏସଏଫ କ୍ୟାମ୍ପ ନିକଟରେ ଥିବା ୧.୫୦ ଏକର ପରିମିତ ଜାଗାରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ରବିବାର ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଏହି ଜମି ଚିହ୍ନଟ ପ୍ରକ୍ରିୟାକୁ ତଦାରଖ କରିବାପାଇଁ ମାଲକାନଗିରି ଉପଜିଲାପାଳ ଅକ୍ଷୟ ଖେମୁଡୁ ଏହି କାର୍ଯ୍ୟର ତଦାରଖ କରିଛନ୍ତି। ୨ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ତହସିଲଦାର ବିଜୟ କୁମାର ମାଣ୍ଡାଗୀ, ସରପଞ୍ଚ ମଙ୍ଗଳା ମାଢୀ, ରାଜସ୍ୱ ନିରୀକ୍ଷକ ରୁଦ୍ର ପ୍ରସାଦ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ବସ୍ ରହଣି ପାଇଁ କୌଣସି ବସଷ୍ଟାଣ୍ଡ ନ ଥିବାରୁ ବସ୍ ଓ ଅଟୋଗୁଡ଼ିକ ମୁଖ୍ୟତଃ ବଜାରର ରାସ୍ତା କଡ଼ରେ ପାର୍କିଂ ହୋଇଥାଏ। ଫଳରେ ବଜାର ଅଞ୍ଚଳରେ ଅନେକ ସମୟରେ ଟ୍ରାଫିକ ଜାମ ପରିସ୍ଥିତି ହୋଇଥାଏ। ଏହି ସମୟରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।


ଅଧିକାରୀମାନେ ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ କରୁଛନ୍ତି।

## ଓଡ଼ିଶା ଅମଲା ସଂଘର ୭୯ବର୍ଷ ପୂର୍ତ୍ତି ଉତ୍ସବ

ଜୟପୁର, ୧୭।୭ (ନି.ପ୍ର.)

ଓଡ଼ିଶା ଅମଲା ସଂଘର ୭୯ ବର୍ଷ ଅବସରରେ କୋରାପୁଟ ଜିଲା ଅମଲା ସଂଘ ପକ୍ଷରୁ ସମ୍ପାଦକ ଶଶୀ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତି ଉତ୍ସବ ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟାପକ ରଞ୍ଜନ ପ୍ରଧାନ, ମୁଖ୍ୟବକ୍ତା ପ୍ରଧାନଶିକ୍ଷକ ଅରବିନ୍ଦ ମହାପାତ୍ର, ଅନ୍ୟତମ ଅତିଥି ରୂପେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ତେଜେଶ୍ୱର ପଣ୍ଡା, ସାହିତ୍ୟିକ ନବକୃଷ୍ଣ ରଥ, ମୋ ଜଗନ୍ନାଥ ସାଗର ଅନୁଷ୍ଠାନର ସଭାପତି ରଜନୀକାନ୍ତ ନାୟକ, ଅମଲାସଂଘ ପୂର୍ବତନ ଉପସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜାନୁୟାରୀ ୨୦୨୨ରୁ ଅଦ୍ୟାବଧି ଅବସର ଗ୍ରହଣ କରିଥିବା ରାଜସ୍ୱ ବିଭାଗ, ବନ ବିଭାଗ ଓ ଶିକ୍ଷା ବିଭାଗର ବିଭାଗୀୟ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭାଗୀୟ ଅଧିକାରୀ ଲକ୍ଷ୍ମୀ ଦାଶ, କମଳାକାନ୍ତ ରଥ, ମୁରଲୀ ପ୍ରସାଦ ମହାପାତ୍ର, ବିଜୟ ମହାପାତ୍ର ଓ କାହ୍ନୁଚରଣ ନାହାକ ଅମଲା ସଂଘ ଉପରେ ନିଜ ମତ ରଖିଥିଲେ। ଭାଗ୍ୟଲତା ରଥ ପରିଚାଳନା କରିଥିଲେ।


ଅମଲା ସଂଘ ପକ୍ଷରୁ ଅବସରପ୍ରାପ୍ତ ଜଣେ କର୍ମଚାରୀଙ୍କୁ ସମ୍ମାନିତ କରାଯାଉଛି।

## ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିକ୍ଷକ

ମାଲକାନଗିରି, ୧୭।୭ (ଡି.ଏନ୍.ଏ.)

ଗତ ଶିକ୍ଷାବର୍ଷରେ ମାଲକାନଗିରି ଜିଲାର ଅନେକ ବିଦ୍ୟାଳୟର ଶିକ୍ଷକମାନେ ପଦୋନ୍ନତି ପାଇବା ପରେ ଅନେକ କାଉନସେଲିଂରେ ନିଜ ପସନ୍ଦର ବିଦ୍ୟାଳୟରେ ଯୋଗ ଦେଇଥିଲେ। ମାତ୍ର ବିଭାଗୀୟ ନିୟମ ଅନୁସାରେ ଅନେକ ଶିକ୍ଷକ ପଦୋନ୍ନତି ପାଇବା ପରେ ମଧ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷାଧିକାରୀ ଏନେଇ ୫।୩।୨୨, ପତ୍ରସଂଖ୍ୟା–୧୧୦୩ରେ ସମ୍ପୃକ୍ତ ଶିକ୍ଷକମାନେ ଯେପରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ଶୀଘ୍ର ନେବେ ସେ ଦିଗରେ ପଦକ୍ଷେପ ନେଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ୭ମାସ ବିତି ଯାଇଥିଲେ ସୁଦ୍ଧା ଜିଲାର ଅନେକ ବିଦ୍ୟାଳୟରେ ଏଯାଏ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ପାଳନ କରାଯାଇ ନ ଥିବା ଦେଖିବାକୁ ମିଳିଛି। ଜିଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ କେବଳ ଚିଠି କରିଦେଇ କୌଣସି ପଦକ୍ଷେପ ନେଇ ନ ଥିବାରୁ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର ହୋଇପାରିନାହିଁ। କେତେକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିଠିକୁ ଗୁରୁତ୍ୱ ଦେଇନାହାନ୍ତି। ଏନେଇ ଅଭିଭାବକ ଓ ପରିଚାଳନା କମିଟି ଏହା ଶିକ୍ଷା ବିଭାଗର ଅଧିକାରୀଙ୍କ ଦାୟିତ୍ୱହୀନତା ବୋଲି ଅଭିଯୋଗ କରି ଦାୟିତ୍ୱ ନେଉ ନ ଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜିଲାର କେତେକ ବିଦ୍ୟାଳୟରେ ବରିଷ୍ଠ ଅଭିଜ୍ଞ ଶିକ୍ଷକ ଥିଲେ ମଧ୍ୟ ଅନଭିଜ୍ଞ କନିଷ୍ଠ ଶିକ୍ଷକମାନେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଥିବାରୁ ଅନେକ ସ୍ଥାନରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ବିଦ୍ୟାଳୟର ଶିକ୍ଷଣ ପରିବେଶ ନଷ୍ଟ ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକ ଶିକ୍ଷାଧିକାରୀମାନଙ୍କ ମିଳିତ ବୈଠକରେ ଏହି ନିୟମକୁ କଡାକଡି ପାଳନ କରିବା ପାଇଁ କୁହାଯାଇଥିଲା। ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି କିମ୍ବା ଯେଉଁ ଶିକ୍ଷକ ମାନେ ଦାୟିତ୍ୱ ହସ୍ତାନ୍ତର ଅବା ଦାୟିତ୍ୱ ଗ୍ରହଣ କରିନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

